ବଟକୃଷ୍ଣ ପରିଡ଼ା

ବନାମ

ଓଡ଼ିଶା ରାଜ୍ୟ

(ଅପରାଧିକ ଆବେଦନ ସଂଖ୍ୟା 6-7/2003)

ଏପ୍ରିଲ 28, 2009

**[ଡ. ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତି ଦ୍ୱୟ]**

*ଦଣ୍ଡ ସଂହିତା, 1860-ଧାରା 304 (ଭାଗ II) ଗ୍ରାମଗୁଡ଼ିକ ମଧ୍ୟରେ ଶତ୍ରୁତାର ପରିଣାମ ସ୍ୱରୂପ ଘଟିଥିବା ଘଟଣା-ଯାହାର ଫଳ ସ୍ୱରୂପ ମୃତ୍ୟୁ ଘଟିଛି ଏବଂ ଆହତ ହୋଇଛନ୍ତି-ଆଇ ପି ସି ଧାରା 302, 307, 148 ଏବଂ 302/149 ଅନୁଯାୟୀ ଆରୋପ -ବିଚାର କରୁଥିବା ନ୍ୟାୟାଳୟ ଧାରା 304 ( ଭାଗ II) ଅନୁଯାୟୀ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କଲେ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ସମସ୍ତ ଆରୋପରୁ ଦୋଷ ମୁକ୍ତ କଲେ - ଉଚ୍ଚ ନ୍ୟାୟାଳୟ ଦୋଷ ମୁକ୍ତ ଆଦେଶକୁ ସମର୍ଥନ କଲେ- ଦଣ୍ଡାଦେଶର ଆଦେଶକୁ ଗୋଟିଏ ଆଦେଶରେ ଧାରା 302 ରେ ପରିବର୍ତ୍ତନ କରାଗଲା-ଅଭିଯୁକ୍ତଙ୍କ ଆବେଦନ ଉପରେ, ନିର୍ଣ୍ଣୟ ନିଆଗଲା : ଏହା ଧରି ନେବା ସତ୍ତ୍ୱେ ଯେ ଅଭିଯୁକ୍ତ ଅଚାନକ ଗୁଳି ଚଳାଇଥିଲେ ଏବଂ ଗ୍ରାମବାସୀମାନଙ୍କ ମଧ୍ୟରେ ଖୋଲାଖୋଲିଭାବରେ ଲଢ଼େଇ ହୋଇଥିଲା, ଉଚ୍ଚ ନ୍ୟାୟାଳୟ ତାଙ୍କୁ ଧାରା 302 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିବା ଉଚିତ୍ ନଥିଲା – ସେ ଧାରା 304( ଭାଗ II ) ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେବା ଉଚିତ /*

ଅପରାଧିକ ଆବେଦନ ଅଧିକାରିତା : ଅପରାଧିକ ଆବେଦନ ସଂଖ୍ୟା 6-7/2003

1984 ର ଅପରାଧିକ ଆବେଦନ ସଂଖ୍ୟା 251 ଏବଂ 1985 ର ସରକାରୀ ଆବେଦନ ସଂଖ୍ୟା 6 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ କଟକ 11.4.2002 ର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ସତ୍ୟ ମିତ୍ର ଗର୍ଗ, ସଂଗ୍ରାମ ପଟ୍ଟନାୟକ, ସାନ୍ଧା ପାଣ୍ଡି, ମଧୁଆ ଭୂଷଣ ଏବଂ ସଞ୍ଜୀବ କୁମାର ଝା ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଡଃ. ଅରିଜିତ୍ ପଶାୟତଙ୍କ ଦ୍ୱାରା 1.** ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ଏକ ଖଣ୍ଡପୀଠଙ୍କର ରାୟ ଯାହା ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଅନୁମତି ଦେଇଥାଏ, ତାହା ଏହି ଆବେଦନ ଗୁଡ଼ିକରେ ଆପତ୍ତି କରାଯାଇଛି । 1983ର ଫୌଜଦାରୀ ବିଚାର ସଂଖ୍ୟା 25 ଡି ରେ ଢେଙ୍କାନାଳର ବିଜ୍ଞ

ଦ୍ୱୌରା ବିଚାରପତିଙ୍କ ସାଧାରଣ ଆଦେଶ/ରାୟ ବିରୁଦ୍ଧରେ ଦୁଇଟି ଆବେଦନ ଦାଖଲ କରାଗଲା । ବିଚାର କରୁଥିବା ନ୍ୟାୟାଳୟ ଭାରତୀୟ ଦଣ୍ଡ ସଂହିତା, 1860 (ସଂକ୍ଷେପରେ ଆଇ ପି ସି) ର ଧାରା 302,307,148, 302/149 ଅନୁଯାୟୀ ଦଣ୍ଡନୀୟ ଅପରାଧ ଘଟାଇଥିବା ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ନିର୍ଦ୍ଦେଶ ଦେଲେ । ତେବେ ବର୍ତ୍ତମାନର ଆବେଦନକାରୀ ଆଇପିସିର ଧାରା 304 ଭାଗ II ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେଲେ ଏବଂ ତାଙ୍କୁ ତିନି ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଦିଆଗଲା । ଆଇ. ପି. ସି. ର ଧାରା 302 ବଦଳରେ ଆଇ. ପି. ସି. ର ଧାରା 304 ଭାଗ II ଅନୁଯାୟୀ ଉତ୍ତରଦାତାମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ସହିତ ବର୍ତ୍ତମାନର ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ଉପରେ ରାଜ୍ୟ ପ୍ରଶ୍ନ ଉଠାଇଲେ । ଦୋଷୀ ସାବ୍ୟସ୍ତିକରଣ ଆଦେଶ ଉପରେ ପ୍ରଶ୍ନ ଉଠାଇ ବର୍ତ୍ତମାନର ଆବେଦନକାରୀ ଏକ ଆବେଦନ ଦାଖଲ କଲେ । ଉଭୟ ଆବେଦନକୁ ଏକତ୍ର ରଖାଗଲା ଏବଂ ସାମୂହିକ ରାୟ ଦ୍ୱାରା ସମାଧାନ କରାଗଲା ।

2. ବିଚାର ସମୟରେ ଦୃଷ୍ଟିଗୋଚର ହୋଇଥିବା ଅଭିଯୋଗ ମାମଲାର ମୂଳ ଚିତ୍ର ନିମ୍ନରେ ଦିଆଗଲା:

3. ସରୁଆଳି ଗ୍ରାମ ତିନୋଟି ପଡାକୁ ନେଇ ଗଠିତ, ଯଥା ଗୋପାଳ ସାହି, ଦେହୁରୀ ସାହି ଏବଂ ପରିଡା ସାହି । ଗୋଟିଏ ପଟେ ଗୋପାଳ ସାହି ଏବଂ ଦେହୁରୀ ସାହି ଏବଂ ଅନ୍ୟ ପଟେ ପରିଡା ସାହିର ଗ୍ରାମବାସୀଙ୍କ ମଧ୍ୟରେ ଘୋର ଶତ୍ରୁତା ଥିଲା । କିଛି ଜଙ୍ଗଲ ଜମିକୁ ନେଇ ବିବାଦ କାରଣରୁ ଦୀର୍ଘ ଦିନ ଧରି ଶତ୍ରୁତା ରହିଥିଲା କାରଣ ଏପରି ଜମି ଆରୋପିତ ଭାବେ ଦେହୁରୀ ସାହିର ଲୋକଙ୍କ ଦଖଲରେ ଥିଲା । ଏଭଳି ଶତ୍ରୁତା କାରଣରୁ ଦେହୁରୀ ସାହିର ଲୋକମାନେ ଘଟଣାର ଗତ 6 ରୁ 7 ବର୍ଷ ପୂର୍ବରୁ ପରିଡ଼ା ସାହିର ଲୋକଙ୍କୁ ସେବା ଦେବା ବନ୍ଦ କରିଦେଇଥିଲେ । ଯେହେତୁ ସେଠାରେ ଆଇନ ଶୃଙ୍ଖଳା ପରସ୍ଥିତି ସଙ୍ଗିନ ଥିଲା, ତେଣୁ ସେଠାରେ ଧାରା 107, ସି ଆର . ପି . ସି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଗଲା ଏବଂ ଦେହୁରୀ ସାହି ଓ ପରିଡା ସାହି ଲୋକମାନଙ୍କ ମଧ୍ୟରେ ଅନେକ ଦେୱାନୀ ମକଦ୍ଦମା ବିଚାରାଧୀନ ରହିଛି । ସରକାରୀ ଆବେଦନରେ ଉତ୍ତରଦାତାମାନେ ପରିଡା ସାହିର ହୋଇଥିବାବେଳେ, ପୀଡିତ ତଥା ଅଭିଯୋଜନ ସାକ୍ଷୀମାନେ ଦେହୁରୀ ସାହି ଏବଂ ଗୋପାଳ ସାହିର ଅଟନ୍ତି । ଅଭିଯୋଗ ହୋଇଥିଲା ଯେ 1. 11. 1982 ତାରିଖ କୁମାର ପୂର୍ଣ୍ଣିମା ରାତିରେ ଦେହୁରୀ ସାହି ଲୋକମାନେ ଦେବୀ ଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତିକୁ ପରିଡା ସାହିର ବଳି ପରିଡ଼ା ଘରକୁ ନେଇଯାଇଥିଲେ, ଯାହାଙ୍କ ସହ ଦେହୁରୀ ସାହିର ଲୋକମାନେ କିଛି ବନ୍ଧୁତା ସ୍ଥାପନ କରିଥିଲେ । ତେଣୁ, ପରିଡା ସାହି ଅନ୍ତର୍ଗତ ଆବେଦନକାରୀ-ଉତ୍ତରଦାତାମାନେ ବଳି ପରିଡାଙ୍କ ଘରେ ଚଢାଉ କଲେ ।

4. ପରଦିନ ଅର୍ଥାତ୍ 2.11.1982 ତାରିଖରେ ସକାଳ 9ଟାରୁ 9ଟା 30 ମଧ୍ୟରେ ପରିଡ଼ା ସାହିର ଉତ୍ତରଦାତାମାନେ ଲାଠି ଏବଂ ଚାରୋଟି ମଜଲ ଭର୍ତ୍ତି ବନ୍ଧୁକ ଧରି ଦେହୁରୀ ସାହି ଆଡକୁ ଅଗ୍ରସର ହେଲେ ଏବଂ ସେମାନେ ବାଙ୍କ ଦେହୁରୀଙ୍କ ଘର ନିକଟରେ ପହଞ୍ଚିବା ପରେ ଆବେଦନକାରୀ-ଉତ୍ତରଦାତା ସଂଖ୍ୟା .1 ବଟକୃଷ୍ଣ ପରିଡ଼ା, ସେତେବେଳେ ବାଙ୍କ ଦେହୁରୀଙ୍କ ବାଡିପଟେ ମୁହଁ ଧୋଇବା କାର୍ଯ୍ୟରେ ନିୟୋଜିତ ଥିବା ସହଦେବ ଦେହୁରୀଙ୍କ ଉପରକୁ ବନ୍ଧୁକରୁ ଏକ ଗୁଳି ଚଳାଇଲେ । ଏଭଳି ବନ୍ଧୁକ ଗୁଳି ମାଡ଼ ଖାଇବା ପରେ ସହଦେବ ରକ୍ତସ୍ରାବଜନିତ ଆଘାତ ସହ ତଳେ ପଡ଼ିଗଲେ ଏବଂ ତତକ୍ଷଣାତ୍ ମୃତ୍ୟୁ ବରଣ କଲେ । ଉତ୍ତରଦାତା ଦିବାକର ପରିଡ଼ା ତାଙ୍କ ବନ୍ଧୁକରୁ ଛୋଟା ଦେହୁରୀଙ୍କ ଉପରକୁ ଆଉ ଏକ ଗୁଳି ଚଳାଇଲେ, ଯାହାର ଫଳସ୍ୱରୂପ ତାଙ୍କର ଆଣ୍ଠୁରେ ଆଘାତ ଲାଗିଲା । ଉତ୍ତରଦାତା ଶଙ୍କର ପରିଡ଼ା ନିଜ ବନ୍ଧୁକରୁ ଗୋପାଳ ସାହି ଆଡ଼କୁ ଗୁଳି ଚଳାଇଲେ ଏବଂ ବାସ୍ତବିକ ତାଙ୍କ ବନ୍ଧୁକରୁ ଗୁଳିଟି, ଅଥନୀ ଦାସଙ୍କ କପାଳରେ ବାଜିଲା, ଯାହାର ଫଳସ୍ୱରୂପ ଅଥନୀ ଦାସ ଏକ ମହୁଆ ଗଛ ତଳେ ପଡ଼ିଗଲେ । ଉତ୍ତରଦାତାମାନେ ସେମାନଙ୍କ ବନ୍ଧୁକରୁ କ୍ରମାଗତ ତିନୋଟି ଗୁଳି ଚଳାଇବା ପରେ ଦେହୁରୀ ସାହିର ଗ୍ରାମବାସୀମାନେ ସେମାନଙ୍କ ପଛରେ ଗୋଡାଇଲେ, ଯାହାର ଫଳସ୍ୱରୂପ ଉତ୍ତରଦାତାମାନେ ସେମାନଙ୍କ ପଡା 'ପରିଡା ସାହି' ଆଡକୁ ଯାଇ ଏଣେ ତେଣେ ଦୌଡ଼ିଲେ । ଅଭିଯୋଜନ ପକ୍ଷର ସାକ୍ଷୀମାନେ ତାଙ୍କ ପଛରେ ଗୋଡାଇବାରୁ ଯେତେବେଳେ ସେମାନେ ଦୌଡିଲେ, ଆବେଦନକାରୀ ବଟକୃଷ୍ଣ ପରିଡ଼ାଙ୍କ ଉପରେ , ଶିକର ଦେହୁରୀ (ପି .ଡବ୍ଲୁ .11) ଙ୍କ ଦ୍ୱାରା ଏକ ଲାଠି ପ୍ରହାର କରାଗଲା, ଯାହାର ଫଳସ୍ୱରୂପ ତାଙ୍କ ହାତରେ ଥିବା ବନ୍ଧୁକ ତାଙ୍କ ହାତରୁ ଖସି ପଡ଼ିଲା ଏବଂ ବ୍ରଜ ଦେହୁରୀ (ପି. ଡବ୍ଲ୍ୟୁ. 9) ଉକ୍ତ ବନ୍ଧୁକକୁ ଉଠାଇଲେ । ଉତ୍ତରଦାତା ଶଙ୍କର ପରିଡ଼ା, ଶିକର ଦେହୁରୀ (ପି .ଡବ୍ଲୁ .11) ଙ୍କୁ ବନ୍ଧୁକ ଦ୍ୱାରା ଧକ୍କା ଦେବା ପାଇଁ ଗୋଡ଼ାଇଲେ, କିନ୍ତୁ ସେ ଉତ୍ତରଦାତା ଶଙ୍କର ପରିଡ଼ାଙ୍କ ହାତରୁ କୌଣସିମତେ ବନ୍ଧୁକ ଛଡ଼ାଇ ନେଲେ । କୁଶାଣ ଦେହୁରୀ (ପି. ଡବ୍ଲ୍ୟୁ. 7) ଏବଂ ଜଣେ କାଶୀ ବେହରା ଉତ୍ତରଦାତା ଲମ୍ବୋଦର ପରିଡ଼ାଙ୍କୁ ପିଛା କଲେ, କିନ୍ତୁ ଉତ୍ତରଦାତା ଲମ୍ବୋଦର ପରିଡ଼ା ସେମାନଙ୍କ ଉପରକୁ ଗୁଳି ଚଳାଇଲେ, ଯାହାଫଳରେ କୁଶାଣ ଦେହୁରୀ (ପି. ଡବ୍ଲ୍ୟୁ. 7) ଙ୍କ ବେକରେ ରକ୍ତସ୍ରାବଜନିତ ଆଘାତ ହେଲା ।

5. ମୃତକ ଡମ୍ବରୁ ବେହରା ଗଙ୍ଗା ପରିଡ଼ାଙ୍କୁ (ବର୍ତ୍ତମାନ ମୃତ) ପିଛା କଲେ, କିନ୍ତୁ ସେ ଡମ୍ବରୁଙ୍କ ଉପରେ ଭାରିପଡ଼ି ତାଙ୍କୁ ବଳପୂର୍ବକ କାବୁ କରି ଭୂମିରେ ଫିଙ୍ଗି ଦେଲେ । ତାହାପରେ ସିଦ୍ଧେଶ୍ୱର (ବର୍ତ୍ତମାନ ମୃତ) ତାଙ୍କ ପେଟର ତଳ ଭାଗକୁ ଏକ ବଡ଼ ପଥର ଫିଙ୍ଗିଲେ, ଯାହାଫଳରେ ତାଙ୍କ ପେଟରେ ଗୁରୁତର ଆଘାତ ଲାଗିଲା । ତାଙ୍କୁ କାମାକ୍ଷାନଗର ଡାକ୍ତରଖାନାକୁ ନିଆଗଲା ଏବଂ ସେଠାରୁ ତୁରନ୍ତ ଢେଙ୍କାନାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରାଗଲା ଯେଉଁଠାରେ ସେ ଚିକିତ୍ସା ସମୟରେ ଶେଷ ନିଶ୍ୱାସ ତ୍ୟାଗ କଲେ । ସମଗ୍ର ଘଟଣା ସମୟରେ ଉଭୟ ପାର୍ଶ୍ୱରୁ ପଥର ଫୋପଡ଼ାଯାଇଥିଲା ।

6. ସୂଚନା ପାଇବା ପରେ କାମାକ୍ଷାନଗର ପୋଲିସ ଥାନାର ଭାରପ୍ରାପ୍ତ ଅଧିକାରୀ ସକାଳ ପ୍ରାୟ 10.30 ରେ ଘଟଣାସ୍ଥଳରେ ପହଞ୍ଚିଲେ ଏବଂ ପି. ଡବ୍ଲ୍ୟୁ. 1ଙ୍କର ସୂଚନାକୁ ସେ ଏଫ୍. ଆଇ. ଆର୍. (ପ୍ରଦର୍ଶ 1) ଭାବେ ବିବେଚନା କରି, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ସେ ସୂଚନାଦାତାଙ୍କୁ ପଚରାଉଚୁରା କଲେ ଏବଂ ବାଙ୍କ ଦେହୁରୀଙ୍କ ବାଡ଼ିରେ  ସହଦେବ ଦେହୁରୀଙ୍କ ମୃତଦେହ ପଡ଼ିଥିବାର  ଦେଖିଲେ ଯେଉଁଠାରେ ସେ ସାକ୍ଷୀମାନଙ୍କ ସମ୍ମୁଖରେ ମୃତଦେହକୁ ପଞ୍ଚନାମା କଲେ ଏବଂ ଅପମୃତ୍ୟୁ ରିପୋର୍ଟ ପ୍ରସ୍ତୁତ କଲେ  । ସେ ମୃତ ସହଦେବ ଦେହୁରୀଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ଡାକ୍ତରଖାନାକୁ ପଠାଇଲେ ଏବଂ ଅନ୍ୟାନ୍ୟ ଆହତ ବ୍ୟକ୍ତି ଯଥା, ଛୋଟା ଦେହୁରୀ (ପି. ଡବ୍ଲ୍ୟୁ. 6), କୁଶାଣ ଦେହୁରୀ (ପି. ଡବ୍ଲ୍ୟୁ. 7), ହନୁଆ ଦେହୁରୀ (ପି. ଡବ୍ଲ୍ୟୁ.12), ଅଥନୀ ଦାସ (ପି. ଡବ୍ଲ୍ୟୁ. 5) ଏବଂ ଡମ୍ବରୁ ବେହରାଙ୍କୁ ଚିକିତ୍ସା ପାଇଁ ପଠାଇଲେ । ସେ ତୁରନ୍ତ ସରୁଆଳି ଗ୍ରାମର କିଛି ସାକ୍ଷୀଙ୍କ ବିବୃତ୍ତି ରେକର୍ଡ କଲେ । ପ୍ରଦର୍ଶ 10 ଅନୁସାରେ,  ଯେଉଁଠାରେ ସହଦେବ ଦେହୁରୀଙ୍କ ମୃତଦେହ ପଡ଼ି ଥିଲା ସେ ସେହି ସ୍ଥାନରୁ ରକ୍ତ ଭିଜା ମାଟି ଏବଂ  ମାଟିର ନମୁନା ମଧ୍ୟ ଜବତ କଲେ ।

7. ସୂଚନା ପାଇବା ପରେ ତଦନ୍ତ କରାଗଲା ଏବଂ ସଂଯୁକ୍ତ ଅଭିଯୋଗ ପତ୍ର ଦାୟର କରାଗଲା । ସମସ୍ତ ଅଭିଯୁକ୍ତ ବ୍ୟକ୍ତିମାନେ ନିର୍ଦ୍ଦୋଷ ଏବଂ ସେମାଙ୍କୁ ମିଥ୍ୟାରେ ଜଡ଼ିତ କରାଯାଇଛି ବୋଲି ଗୁହାରି କଲେ ।

8. ଅଭିଯୋଗକୁ ପ୍ରମାଣିତ କରିବା ପାଇଁ, ବିଚାର କରୁଥିବା ନ୍ୟାୟାଳୟରେ 21 ଜଣ ସାକ୍ଷୀଙ୍କୁ ପଚରାଉଚରା କରାଗଲା । ସେହିପରି ଅଭିଯୁକ୍ତମାନଙ୍କ ଦ୍ୱାରା 12 ଜଣ ସାକ୍ଷୀଙ୍କୁ ପଚରାଉଚରା କରାଗଲା । ନଥିରେ ଥିବା ପ୍ରମାଣ ଉପରେ ବିଚାର କରି, ବିଚାର କରୁଥିବା ନ୍ୟାୟାଳୟ ନିର୍ଣ୍ଣୟ ନେଲେ ଯେ ବର୍ତ୍ତମାନର ଆବେଦନକାରୀଙ୍କ ବ୍ୟତୀତ ଅନ୍ୟମାନେ ଦୋଷୀ ସାବ୍ୟସ୍ତ ହେବା ଉଚିତ ନୁହେଁ । ଏହା ମୂଳତଃ ଧରିନିଆଗଲା ଯେ ଆଇ. ପି. ସି. ର ଧାରା 149 ର ବର୍ତ୍ତମାନ ମାମଲାର ତଥ୍ୟ ଉପରେ କୌଣସି ପ୍ରୟୋଗ ନାହିଁ ।

9. ତେବେ ଅଭିଯୁକ୍ତ-ଆବେଦନକାରୀ ବଟକୃଷ୍ଣ ପରିଡ଼ାଙ୍କୁ ଆଇ ପି ସି ର ଧାରା 304 ଭାଗ II ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଗଲା କାରଣ ସେ ଅଭିଯୋଜନ ପକ୍ଷର ସାକ୍ଷୀମାନଙ୍କୁ ଭୟଭୀତ କରିବା ପାଇଁ ତାଙ୍କ ବନ୍ଧୁକରୁ ଗୁଳି ଚଳାଇଥିଲେ ଏବଂ ସେହି ପ୍ରକ୍ରିୟାରେ ବନ୍ଧୁକରୁ ଏକ ଗୁଳି ମୃତକଙ୍କୁ ଆଘାତ କରିଥିଲା ଯାହା ମରଣାତ୍ମକ ପ୍ରମାଣିତ ହେଲା । ଉପରେ ଉଲ୍ଲେଖ କରାଯାଇଥିବା ଭଳି ତିନି ବର୍ଷ ସଶ୍ରମ କାରାଦଣ୍ଡ ଲାଗୁ କରାଗଲା । ଦୁଇଟି ଆବେଦନ ଦାଖଲ  କରାଗଲା । ଏହି ଆକ୍ଷେପିତ ରାୟ ଦ୍ୱାରା, ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରିଦେଲେ, କାରଣ ବଟକୃଷ୍ଣ ପରିଡ଼ାଙ୍କ ବ୍ୟତୀତ ସହ ଅପରାଧୀ ବ୍ୟକ୍ତିମାନଙ୍କ ମୃତ ବ୍ୟକ୍ତିଙ୍କୁ ହତ୍ୟା କରିବାର କୌଣସି ସାଧାରଣ ଉଦ୍ଦେଶ୍ୟ ନଥିଲା । ଏହା ଉଲ୍ଲେଖ କରାଗଲା ଯେ ବାସ୍ତବ ପରିସ୍ଥିତି ଏହି ସ୍ଥିତିକୁ ସ୍ପଷ୍ଟ କରିଥିଲା ଯେ ଅଚାନକ ବଟକୃଷ୍ଣ ପରିଡ଼ା ତାଙ୍କ ବନ୍ଧୁକରୁ

ଗୁଳି ଚଳାଇଲେ, ଯାହାର ଫଳସ୍ୱରୂପ ସହଦେବ ଦେହୁରୀ ତୁରନ୍ତ ମୃତ୍ୟୁବରଣ କଲେ । ଏହି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଲେ ଯେ ବିଚାର କରୁଥିବା ନ୍ୟାୟାଳୟ ଯଥାର୍ଥ ଭାବେ ଧ୍ୟାନ ଦେଇଛନ୍ତି ଯେ ଧାରା 149ର କୌଣସି ପ୍ରୟୋଗ ନାହିଁ, କିନ୍ତୁ ଏହା ଆହୁରି ମଧ୍ୟ ମତବ୍ୟକ୍ତ କରିଛନ୍ତି ଯେ ବର୍ତ୍ତମାନର ଆବେଦନକାରୀଙ୍କ ଦ୍ୱାରା ଘଟିଥିବା ଅପରାଧ ଆଇ ପି ସି ଧାରା 304 ଭାଗ II ସହ ନୁହେଁ ବରଂ ଆଇ ପି ସି. ଧାରା 302 ସହ ସମ୍ବନ୍ଧିତ । ତଦନୁସାରେ ବର୍ତ୍ତମାନର ଆବେଦନକାରୀଙ୍କ ସମ୍ବନ୍ଧରେ, ରାଜ୍ୟର ଆବେଦନକୁ ଅନୁମତି ଦିଆଗଲା ଏବଂ ତାଙ୍କୁ ଆଇ ପି ସି ଧାରା 302 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଗଲା ଏବଂ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଗଲା ।

10. ଆବେଦନକୁ ସମର୍ଥନ କରି, ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ନିବେଦନ କଲେ ଯେ ଆବେଦନକାରୀ ଅଚାନକ ତାଙ୍କ ବନ୍ଧୁକରୁ ଏକ ଗୁଳି ଚଳାଇଥିବା ଜାଣିବାକୁ ପାଇବା ପରେ, ଆବେଦନକାରୀଙ୍କୁ ଆଇପିସି ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧରେ ଦୋଷୀ ସାବ୍ୟସ୍ତ କରିବାକୁ ରାଜ୍ୟର ଆବେଦନକୁ ଗ୍ରହଣ କରିବାର କୌଣସି ପରିସର ନାହିଁ । ବିଚାର କରୁଥିବା ନ୍ୟାୟାଳୟ ଲକ୍ଷ୍ୟ କଲେ ଯେ ସେଠାରେ ଏକ ଖୋଲାଖୋଲି ଲଢ଼େଇ ହୋଇଥିଲା ଏବଂ କଥିତଭାବରେ ବ୍ୟକ୍ତିଗତ ପ୍ରତିରକ୍ଷାର ଅଧିକାର ଅଭିଯୁକ୍ତଙ୍କ ଦ୍ୱାରା ପ୍ରୟୋଗ କରାଗଲା କିନ୍ତୁ ତାହାକୁ ଲଙ୍ଘନ କରାଯାଇଥିଲା ।

11. ବିଚାର କରୁଥିବା ନ୍ୟାୟାଳୟ ବାସ୍ତବ ପରିସ୍ଥିତିକୁ ଉଲ୍ଲେଖ କଲେ ଏବଂ ଜାଣିବାକୁ ପାଇଲେ ଯେ ସେଠାରେ ଏକ ଖୋଲାଖୋଲି ଲଢ଼େଇ ହୋଇଥିଲା । ଅଭିଯୁକ୍ତ ବ୍ୟକ୍ତିମାନେ କଥିତ ବ୍ୟକ୍ତିଗତ ପ୍ରତିରକ୍ଷା ଅଧିକାର ପ୍ରୟୋଗ କରିଥିବା ଦାବି କଲେ କିନ୍ତୁ ଅଭିଯୁକ୍ତ ଆବେଦନକାରୀଙ୍କ ଗୁଳି ଚଳାଇବା ଏବଂ ମୃତ ବ୍ୟକ୍ତିଙ୍କୁ ହତ୍ୟା କରିବାର କୌଣସି କାରଣ ନଥିଲା । ଉଚ୍ଚ ନ୍ୟାୟାଳୟ ନିମ୍ନମତେ ଏକ ଅପ୍ରତ୍ୟାଶିତ ସିଦ୍ଧାନ୍ତରେ ପହଞ୍ଚିଲେ (ଯାହା ଆଇ ପି ସି ର ଧାରା 302 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିବା ପାଇଁ କେବଳ ଏକ ସିଦ୍ଧାନ୍ତ ଅଟେ): -

> "ବଟକୃଷ୍ଣ ପରିଡ଼ାଙ୍କ ଉଦ୍ଦେଶ୍ୟକୁ ପ୍ରମାଣ କରିବା କଷ୍ଟକର । ଏହାକୁ ପାରିପାର୍ଶ୍ୱିକ ପରିସ୍ଥିତିରୁ ସଂଗ୍ରହ କରିବାକୁ ପଡ଼ିବ । ବିନା କୌଣସି ପ୍ରରୋଚନାରେ ସେ କାହିଁକି ସହଦେବ ଦେହୁରୀଙ୍କ ଉପରକୁ ଗୁଳି ଚଳାଇଲେ ତାହା ଆମେ ବୁଝି ପାରୁ ନାହୁଁ । ତଦନୁସାରେ, ଆମେ ସହଦେବ ଦେହୁରୀଙ୍କ ମୃତ୍ୟୁର କାରଣ ପାଇଁ ବଟକୃଷ୍ଣ ପରିଡା ଆଇପିସି ଧାରା 302 ଅନୁଯାୟୀ ଦଣ୍ଡିତ ହେବେ ବୋଲି ବିବେଚନା କରୁ ।

12. ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉଚ୍ଚ ନ୍ୟାୟାଳୟ ନିଜେ ବିଚାର କରୁଥିବା ନ୍ୟାୟାଳୟଙ୍କର ମତକୁ ନିଶ୍ଚିତ କରି ଅନୁଧ୍ୟାନ କଲେ ଯେ ଅଚାନକ ଗୁଳି ଚାଳନା କରାଯାଇଥିଲା ଏବଂ ଅନ୍ୟ ଗ୍ରାମବାସୀଙ୍କ ମଧ୍ୟରେ ଖୋଲାଖୋଲି ଲଢ଼େଇ ହୋଇଥିଲା । ଅଭିଯୁକ୍ତଙ୍କ ଦ୍ୱାରା କରାଯାଇଥିବା ଅପରାଧ ଆଇ. ପି. ସି.

ର ଧାରା 302 ସହ ଜଡ଼ିତ ବୋଲି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଧରିନିଆଯିବା ଉଚିତ ନୁହେଁ । ଏହି ପରିସ୍ଥିତିରେ, ଆମେ ଉଚ୍ଚ ନ୍ୟାୟାଳୟଙ୍କର ଆକ୍ଷେପିତ ରାୟକୁ ରଦ୍ଦ କରୁ ଏବଂ ବିଚାର କରୁଥିବା ନ୍ୟାୟାଳୟଙ୍କର ଆଦେଶକୁ ବଜାୟ ରଖୁ । ଯଦି କିଛି ଅବଶିଷ୍ଟ ଦଣ୍ଡ ଭୋଗିବା ପାଇଁ ଥାଏ, ଅଭିଯୁକ୍ତଙ୍କୁ ତୁରନ୍ତ ହାଜତରେ ଆତ୍ମ ସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଏ । ତଦନୁସାରେ ଆବେଦନଗୁଡ଼ିକୁ ଖାରଜ କରାଯାଏ ।

କେ. କେ. ଟି ଆବେଦନ ଖାରଜ ହୋଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି,
ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।